ପ୍ରମୋଦ ଲହୁଦାସ ମେଶରାମ

ବନାମ

ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ

11 ସେପ୍ଟେମ୍ବର, 1996

[କେ. ରାମାସ୍ୱାମୀ, ଫୈଜାନ ଉଦ୍ଦୀନ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ]

*ସେବା ଆଇନ :*

*ଚୟନ – ନିରୀକ୍ଷକ/କନିଷ୍ଠ ଯନ୍ତ୍ରୀ (ପୂର୍ତ୍ତ ଯାନ୍ତ୍ରିକ ବିଦ୍ୟା) ପଦବୀ – ବିଜ୍ଞାପନ – ସଦସ୍ୟ-ସଚିବଙ୍କ ଠାରୁ ସୁପାରିଶ ପତ୍ର ଆଧାରରେ ଏକ ବର୍ଷ ପାଇଁ ପରିବୀକ୍ଷାରେ 3 ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତ କରାଯାଇଥିଲା – ଉକ୍ତ ପ୍ରାର୍ଥୀଙ୍କ ସେବା ଏହି ଆଧାରରେ ସମାପ୍ତ କରାଯାଇଛି ଯେ, ପୂର୍ବ ଚିଠିଗୁଡ଼ିକରେ ଅନଧିକୃତ ସୁପାରିଶ ରହିଥିଲା – ସମାପ୍ତି ଆଦେଶକୁ ଆପତ୍ତି କରି ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ରିଟ୍ ଆବେଦନ ଖାରଜ ହୋଇଛି – ଅପିଲରେ ଦର୍ଶାଯାଇଛି ଯେ, ସୁପାରିଶ ପତ୍ର ଅଧିକୃତ ନୁହେଁ ଏବଂ ନିୟମ ଅନୁଯାୟୀ ଅଟେ – ତେଣୁ ଉକ୍ତ ନିଯୁକ୍ତି ବାତିଲ କରିବାରେ ତ୍ରୁଟି ନାହିଁ – ମାମଲାର ନିରପେକ୍ଷ ତଦନ୍ତ କରିବା ପାଇଁ ଏବଂ ଏପରି କୁକାର୍ଯ୍ୟ ପାଇଁ କିଏ ଦାୟୀ ତାହା ଜାଣିବା ପାଇଁ ଏବଂ ଦୋଷୀମାନଙ୍କ ବିରୋଧରେ ଉପଯୁକ୍ତ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାର ଏହି ମାମଲାକୁ ଉପଯୁକ୍ତ ରାଜ୍ୟ ସିଆଇଡି ତଦନ୍ତକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।*

ଦେୱାନୀ ଅପିଲ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 19775/1996 ।

ଡବ୍ଲ୍ୟୁ. ପି. ସଂଖ୍ୟା 885/1993 ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 6.3.96 ତାରିଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ଏ. କେ. ସଂଘି ଏବଂ ଏସ୍. ଭି. ଦେଶପାଣ୍ଡେ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ, ସେ ଯାନ୍ତ୍ରିକ ଏବଂ ମାଧ୍ୟମିକ ଶିକ୍ଷାରେ ଡିପ୍ଲୋମା ହାସଲ କରିଥିବା ଜଣେ ଯୋଗ୍ୟ ପ୍ରାର୍ଥୀ ହୋଇଥିବାରୁ 2 ମଇ,1991 ରେ ଦୈନିକ 'ତରୁଣ ଭାରତ' ରେ ପ୍ରକାଶିତ 30 ଏପ୍ରିଲ, 1991 ତାରିଖର ବିଜ୍ଞାପନ ଅନୁଯାୟୀ ନିରୀକ୍ଷକ/କନିଷ୍ଠ ଯନ୍ତ୍ରୀ (ପୂର୍ତ୍ତ ଯାନ୍ତ୍ରିକ ବିଦ୍ୟା) ପଦବୀ ପାଇଁ ଆବେଦନ କରିଥିଲେ । ବିଜ୍ଞାପନରେ ଦର୍ଶାଯାଇଥିଲା ଯେ, 3ଟି ପଦବୀ ମଧ୍ୟରୁ ଦୁଇଟି ପଛୁଆ ବର୍ଗ ପାଇଁ ଏବଂ

ଗୋଟିଏ ସାଧାରଣ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ଥିଲା । ଆବେଦନକାରୀ ଅନୁସୂଚିତ ଜାତିର ଜଣେ ସଂରକ୍ଷିତ ବର୍ଗରୁ ହୋଇଥିବାରୁ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଗଡଚିରୋଲିଙ୍କଠାରୁ ନିଯୁକ୍ତି ପତ୍ର ଗ୍ରହଣ କରିଥିଲେ; 31 ମାର୍ଚ୍ଚ, 1993 ତାରିଖର ଚିଠି ସଂଖ୍ୟା PWB/Estt- I/1108/ 1/93 ରେ ଦର୍ଶାଯାଇଛି ଯେ, ସଦସ୍ୟ ସଚିବ, ଆଞ୍ଚଳିକ ଅଧୀନସ୍ଥ ସେବା ଚୟନ ମଣ୍ଡଳୀ, ନାଗପୁରଙ୍କ ଦ୍ୱାରା ସେମାନଙ୍କ 15 ଜୁନ, 1992 ତାରିଖର ଚିଠି ସଂଖ୍ୟା RSB/Nag/1210/ M-792/PS- 1/92ରେ ଏକ ସୁପାରିଶ କରାଯାଇଥିଲା ଯେ, 3 ଜଣ ପ୍ରାର୍ଥୀଙ୍କୁ ଚୟନ କରାଯାଇଥିଲା । ନାମଗୁଡ଼ିକ ପୁନରାବୃତ୍ତି କରାଯାଇଥିଲା ଏବଂ ଆବେଦନକାରୀଙ୍କ ସମ୍ବନ୍ଧରେ, ତାଙ୍କୁ କନିଷ୍ଠ ଯନ୍ତ୍ରୀ (ପୂର୍ତ୍ତ) ଭାବେ ଚୟନ କରି ତାଙ୍କର 31 ଜୁଲାଇ, 1992/7.8.92 ତାରିଖର ସୁପାରିଶ ଚିଠି ସଂଖ୍ୟା RSB/Nag/1160/ M-792/1992/PS- I ସଦସ୍ୟ ସଚିବଙ୍କ ଦ୍ୱାରା ଜାରି କରାଯାଇଥିଲା ବୋଲି କୁହାଯାଇଛି । ତଦନୁସାରେ, ସେ ଏକ ବର୍ଷ ପାଇଁ ପରିବୀକ୍ଷା ସହିତ କନିଷ୍ଠ ଯନ୍ତ୍ରୀ ଭାବରେ ନିଯୁକ୍ତ ହୋଇଥିଲେ । ନଅ ମାସର ସେବା ସମାପ୍ତ ହେବା ପରେ, ସେ 16 ନଭେମ୍ବର, 1992 ତାରିଖର ଏକ ଚିଠି ପାଇଥିଲେ, ଯେଉଁଥିରେ ଦର୍ଶାଯାଇଥିଲା ଯେ, ଉପରୋକ୍ତ ଚିଠିରେ ଅନଧିକୃତ ସୁପାରିଶ ରହିଛି; ତେଣୁ, ଆବେଦନକାରୀଙ୍କ ସେବା ଶେଷ କରାଯାଇଥିଲା । ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଗଡଚିରୋଲିଙ୍କ ଆଦେଶକୁ ବମ୍ବେ ଉଚ୍ଚ ନ୍ୟାୟାଳୟ, ନାଗପୁର ବିଚାରପୀଠରେ ଡବ୍ଲ୍ୟୁ. ପି. ସଂଖ୍ୟା 885/93 ରେ ଆବେଦନକାରୀ ଏବଂ ଅନ୍ୟମାନଙ୍କ ଦ୍ୱାରା  ଏହି ଦାବି କରି ଆକ୍ଷେପିତ କରାଯାଇଥିଲା ଯେ, ବିଜ୍ଞାପନ ଦିଆଯାଇଥିବା ପଦବୀରେ ସେମାନଙ୍କୁ ନିୟମିତ ଭାବରେ ନିଯୁକ୍ତି ଦିଆଯାଇଛି; ତେଣୁ, ତଦନ୍ତରେ ଶୁଣାଣିର ସୁଯୋଗ ନଦେଇ ପରିବୀକ୍ଷା ଅବଧି ସମୟରେ ସେମାନଙ୍କର ସେବା ଶେଷ କରାଯାଇପାରିବ ନାହିଁ । ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକୁ ଖାରଜ କରିଦେଇଛନ୍ତି । ତେଣୁ, ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ଏ. କେ. ସଂଘି ଯୁକ୍ତି ଦର୍ଶାଇଛନ୍ତି ଯେ, ଯେତେବେଳେ ପଦବୀଗୁଡ଼ିକର ବିଜ୍ଞାପନ ଦିଆଯାଇଥିଲା ଏବଂ ପ୍ରାର୍ଥୀମାନେ ଯୋଗ୍ୟ ବିବେଚିତ ହୋଇଥିଲେ, ସେତେବେଳେ ଏକ ସାକ୍ଷାତକାର ଏବଂ ଚୟନ ରହିବ ବୋଲି ଏହା ବାଧ୍ୟତାମୂଳକ କରିନଥିଲା । ସ୍ପଷ୍ଟତଃ, ସେବା ଚୟନ ମଣ୍ଡଳୀ ଆବେଦନକାରୀଙ୍କୁ ଉପଯୁକ୍ତ ଏବଂ ଯୋଗ୍ୟ ବୋଲି ଦର୍ଶାଇ ତାଙ୍କୁ ସୁପାରିଶ କରିଥିଲା ଏବଂ ସେହି ଅନୁଯାୟୀ କନିଷ୍ଠ ଯନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଥିଲା, ଯେତେବେଳେ ସେବା ଚୟନ ମଣ୍ଡଳୀର ସଦସ୍ୟ ସଚିବଙ୍କ ଦ୍ୱାରା ଲିଖିତ ଏକ ଚିଠିରେ ଏହାକୁ ବାତିଲ କରିବାକୁ ଅନୁରୋଧ କରାଯାଇଥିଲା, ସେତେବେଳେ ସେମାନଙ୍କର ଶୁଣାଣିର ଅଧିକାର ରହିଛି । ସେମାନଙ୍କ ନିଯୁକ୍ତି ବାତିଲ ହେବା ପୂର୍ବରୁ ଏଭଳି କୌଣସି ସୁଯୋଗ ଦିଆଯାଇନାହିଁ । ତେଣୁ ଏହା ପ୍ରାକୃତିକ ନ୍ୟାୟର ନୀତିଗୁଡ଼ିକର ଉଲ୍ଲଂଘନ ଥିଲା । ଯୁକ୍ତିରେ ଆମେ କୌଣସି ଦୃଢତା ପାଉନାହୁଁ । ଏହା ଦେଖିବାକୁ ମିଳିଛି ଯେ, ସେମାନଙ୍କ ନିଜର ସ୍ୱୀକାର ଦ୍ୱାରା ଚୟନ ପାଇଁ କରାଯାଇଥିବା ଏକ ବିଜ୍ଞାପନ ଅନୁଯାୟୀ ସେମାନେ କେବଳ ଏହି ପଦବୀ ପାଇଁ ଆବେଦନ କରିଥିଲେ । ଏହା ଚୟନ ମଣ୍ଡଳୀର ମାମଲା ଯେ, ଏକ ନିୟମିତ ଚୟନ କରିବାକୁ ପଡ଼ିବ ଏବଂ ଯୋଗ୍ୟ ପ୍ରାର୍ଥୀ ଚୟନ, ନିଯୁକ୍ତି ପାଇଁ ସୁପାରିଶ କରାଯିବ । ତେଣୁ, ଏହା କୁହାଯାଇପାରେ ଯେ, ଚିଠି ଏହା ସୂଚାଇଛି ଯେ, ସୁପାରିଶଗୁଡ଼ିକ ପ୍ରାଧିକୃତ ନୁହେଁ ଏବଂ ନିୟମ ଅନୁଯାୟୀ ତେଣୁ,

ଏହିପରି ସ୍ୱୀକୃତ ସ୍ଥିତି ହୋଇଥିବାରୁ, ନିଯୁକ୍ତିକୁ ବାତିଲ କରିବାରେ ଆମେ କୌଣସି ତ୍ରୁଟି ପାଉନାହୁଁ । ସେହି ପରିସ୍ଥିତିରେ, ଉତ୍ତରଦାତାମାନଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନରେ ଆମେ କୌଣସି ବେଆଇନତା ପାଉନାହୁଁ । ତେବେ ଏଭଳି କଥାକୁ ଲୁକାୟିତ କରିବାକୁ ଅନୁମତି ଦିଆଯିବ ନାହିଁ । ରାଜ୍ୟ ସରକାରଙ୍କୁ ଏହି ମାମଲାକୁ ଉପଯୁକ୍ତ ରାଜ୍ୟ ସିବିଆଇ ତଦନ୍ତକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ସମ୍ପୃକ୍ତ ନିରୀକ୍ଷକ ଏହି ମାମଲାରେ ଏକ ନିରପେକ୍ଷ ତଦନ୍ତ କରିବେ ଯାହା ଦ୍ୱାରା ଏପରି କୁକାର୍ଯ୍ୟ ପାଇଁ କିଏ ଦାୟୀ ତାହା ଜଣାପଡ଼ିବ ଏବଂ ଦୋଷୀଙ୍କ ବିରୋଧରେ ଉପଯୁକ୍ତ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉନ୍ମୁକ୍ତ ରହିବ ।

ଏସ୍ ଏଲ୍ ପିକୁ ଖାରଜ କରାଗଲା । ଏହି ଆଦେଶ ମହାରାଷ୍ଟ୍ରର ଡି. ଜି. ପି. ଙ୍କୁ ଅବଗତ କରାଯିବ ।

ଜି.ଏନ୍. ଆବେଦନ ଖାରଜ କରାଗଲା ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ